ଭାରତୀୟ ଜନତା ପାର୍ଟି, ଓଡିଶା

ପଶ୍ଚିମ/ଦକ୍ଷିଣ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଂଚ ସ୍ଥାପନା ପାଇଁ ମୁଖ୍ୟମନ୍ତ୍ରୀ ଚିଠି ଲେଖିବା ପ୍ରସଙ୍ଗରେ

# ହାଇକୋର୍ଟ ବେଂଚ ନାଁରେ ପୁଣି ଭୂଆଁ ବୁଲାଇଲେ ମୁଖ୍ୟମନ୍ତ୍ରୀ: ବିଜେପି

**ଭୁବନେଶ୍ୱର,ତା.୧୧/୦୧ :** କୌଣସି ରାଜ୍ୟରେ ନୂଆ ହାଇକୋର୍ଟ ସ୍ଥାୟୀ ବେଂଚ ପ୍ରତିଷ୍ଠା ଆବଶ୍ୟକ ପଡିଲେ ରାଜ୍ୟସରକାର ସେହି ରାଜ୍ୟର ହାଇକୋର୍ଟ ସାଙ୍ଗରେ ଆଲୋଚନା କରିଥାନ୍ତି ଏବଂ କେନ୍ଦ୍ର ସରକାରକୁ ସୁପାରିଶ କରିଥାନ୍ତି । ଏ ସୁପାରିଶ ପୂର୍ଣ୍ଣାଙ୍ଗ ଆକାରରେ କେନ୍ଦ୍ରକୁ ଯିବା କଥା । ମାତ୍ର ମୁଖ୍ୟମନ୍ତ୍ରୀ ତାହା ନକରି ବାରମ୍ବାର ଚିଠି ଲେଖିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା ବୋଲି ବିଜେପି ରାଷ୍ଟ୍ରୀୟ ସଂପାଦକ ଶ୍ରୀ ସୁରେଶ ପୂଜାରୀ କହିଛନ୍ତି ।

ଶ୍ରୀ ପୂଜାରୀ କହିଛନ୍ତି ଯେ, ହାଇକୋର୍ଟ ବେଂଚ ପ୍ରତିଷ୍ଠାରେ ମୁଖ୍ୟମନ୍ତ୍ରୀ ଗତ ସେପ୍ଟେମ୍ବରରେ କେନ୍ଦ୍ର ଆଇନ ମନ୍ତ୍ରୀଙ୍କୁ ଯେଉଁ ପ୍ରସ୍ତାବ ଦେଇଥିଲେ ସେଥିରେ ସ୍ଥାନ ଉଲ୍ଲେଖ ନଥିଲା । କେଉଁ କେଉଁ ଅଂଚଳକୁ ନେଇ ଏହି ସ୍ଥାୟୀ ବେଂଚ କାମ କରିବ ସେଇଟା ମଧ୍ୟ ଉଲ୍ଲେଖ ନଥିଲା । କେନ୍ଦ୍ର ଆଇନ ମନ୍ତ୍ରୀ ରବି ଶଙ୍କର ପ୍ରସାଦ ମୁଖ୍ୟମନ୍ତ୍ରୀଙ୍କ ପତ୍ରର ଉତରରେ ସେପ୍ଟେମ୍ବର ୧୦ ତାରିଖ ଦିନ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ପଠାଇବା ପାଇଁ ଅନୁରୋଧ କଲେ, ଉକ୍ତ ପ୍ରସ୍ତାବରେ ପଶ୍ଚିମ ଓଡିଶାର କେଉଁ ସ୍ଥାନରେ ସ୍ଥାୟୀ ବେଂଚ ପ୍ରତିଷ୍ଠା ହେବ ଏବଂ କେଉଁ କେଉଁ ଅଂଚଳକୁ ନେଇ ଏହି ସ୍ଥାୟୀ ବେଂଚ କାର୍ଯ୍ୟ କରିବ ତାହା ସ୍ପଷ୍ଟ ଭାବରେ ରାଜ୍ୟସରକାରଙ୍କ ପ୍ରସ୍ତାବରେ ଉଲ୍ଲେଖ କରିବା ପାଇଁ ପରାମର୍ଶ ଦେଇଥିଲେ । ତତ୍ ସଂଗେ ସଂଗେ ହାଇକୋର୍ଟ ମାଗୁଥିବା ପାଲ କମିଶନ ରିପୋର୍ଟ ବାବଦରେ ଚୂଡାନ୍ତ ନିଷ୍ପତି କରି ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସାଙ୍ଗରେ ଆଲୋଚନା କରିବା ପାଇଁ ପରାମର୍ଶ ଦେଇଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ କୌଣସି ପରାମର୍ଶ ପାଳନ କଲେ ନାହିଁ ।

ଏବେ ମୁଖ୍ୟମନ୍ତ୍ରୀ ପୁଣି ଲୋକଙ୍କୁ ଭୂଆଁ ବୁଲାଇବା ପାଇଁ ହାଇକୋର୍ଟ ପାଇଁ ସ୍ଥାନ ଓ ତା'ର ପରିସୀମନ ଉଲ୍ଲେଖ ନକରି ପୁଣି ଚିଠି ଲେଖିବା ସାଧାରଣ ଲୋକ ଏବଂ ଓକିଲ ସମୂହଙ୍କ ଦାବି ପ୍ରତି ତାଚ୍ଛଲ୍ୟ ସଦୃଶ୍ୟ ବୋଲି ଶ୍ରୀ ପୂଜାରି କହିଛନ୍ତି ।

ମୁଖ୍ୟମନ୍ତ୍ରୀ କାଳ ବିଳମ୍ବ ନକରି ଭୂଆଁ ବୁଲାଇବା ବନ୍ଦ କରନ୍ତୁ ଏବଂ କେନ୍ଦ୍ରକୁ ପୂର୍ଣ୍ଣାଙ୍ଗ ପ୍ରସ୍ତାବରେ ନିଶ୍ଚିତ ଭାବରେ ହାଇକୋର୍ଟ ସ୍ଥାୟୀ ବେଂଚର ସ୍ଥାନ ଏବଂ ଅଧିକାର କ୍ଷେତ୍ର (ଜୁରିଡିକସନ) ଉଲ୍ଲେଖ କରି ପ୍ରସ୍ତାବ ଦିଅନ୍ତୁ ବୋଲି ଶ୍ରୀ ପୂଜାରି ପରାମର୍ଶ ଦେଇଛନ୍ତି ।

(ବିଜେପି ମିଡିଆ ସେଲ୍)